# ଶ୍ରୀକ୍ଷେତ୍ରରେ ମାହାରୀ ନୃତ୍ୟ ପରିବେଷଣର ପ୍ରାସଙ୍ଗିକତା

ପଙ୍କଜ ସାହୁ

ମାହାରୀ ସେବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପୂଜାବିଧିର ଏକ ବଳିଷ୍ଠ ବିଭବ । ସେଥିପାଇଁ ମାହାରୀ ନୃତ୍ୟସେବାର ପୁଷ୍କଳ ପରମ୍ପରା କିପରି ଶ୍ରୀଜଗନ୍ନାଥଙ୍କ ଦୈନିକ ପୂଜାନୀତି ତଥା ସାମ୍ବତ୍ସରିକ ବିଭିନ୍ନ ପର୍ବପର୍ବାଣି ସହ ଓତଃପ୍ରୋତ ଭାବେ ସମ୍ବନ୍ଧାନ୍ୱିତ, ତାହା ଯଥାକ୍ରମେ 'ଶ୍ରୀ ଶ୍ରୀ ପୁରୁଷୋତ୍ତମ ଜଗନ୍ନାଥ ମନ୍ଦିର ସେବକ ଖଟଣୀ ନିଯୋଗ କର୍ମାଙ୍ଗୀ' ଓ 'ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି'ରେ ସୁନିର୍ଦ୍ଦିଷ୍ଟ ହୋଇଅଛି । ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ସମୟରୁ ପୁରୀ ଶ୍ରୀନଅର ସାମ୍ନାରେ ଚୋଡ଼ଗଙ୍ଗ କର୍ତ୍ତୃକ ପ୍ରତିଷ୍ଠିତ ଚୁଡ଼ଙ୍ଗ ସାହିରେ ଯେଉଁ 'ଅଙ୍ଗଅଳସ ପାଟଣା' ନାମରେ ସୁବିଦିତ ମାହାତ୍ମ୍ୟ ପଲ୍ଲୀ ବସ୍ତିରେ ମାହାରୀମାନେ ଅବସ୍ଥାପିତ ହୋଇଥିଲେ, ସେବାପାଳିଦିନ ସେମାନେ ସେଠାରୁ ବେଶପ୍ରସାଧନ ନେଇ ମୀନ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲି ଚାଲି ସେବାଖଟଣୀ ପାଇଁ ଶ୍ରୀମନ୍ଦିରକୁ ଆସିବା ସମୟରେ ସେମାନଙ୍କ ଦୃଷ୍ଟି କେବଳ ନିଜପାଦର ବୃଦ୍ଧାଙ୍ଗୁଳି ଉପରେ ନିବଦ୍ଧ ରହୁଥିଲା । ଦୈନିକ ରାଜଧୂପ ସମୟରେ ମାହାରୀମାନେ ଯେତେବେଳେ ଶ୍ରୀଜୀଉଙ୍କର ରତ୍ନସିଂହାସନ ଓ ଗରୁଡ଼ସ୍ତମ୍ଭ ମଧ୍ୟବର୍ତ୍ତୀ ନାଟ୍ୟମଣ୍ଡପରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଖଣ୍ଡନୃତ୍ୟ/ଅଳସାନାଚ ପରିବେଷଣ କରୁଥିଲେ, ତତ୍କାଳରେ ଉଭୟପାର୍ଶ୍ୱରେ ମୁହାଁମୁହିଁ ହୋଇ ଦଣ୍ଡାୟମାନ ଥିବା ପର୍ଯ୍ୟାପ୍ତ ଭକ୍ତ ଜନତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ରାଜଗୁରୁ ସୁନାବେତ ଧରି ଉପସ୍ଥିତ ରହୁଥିଲେ । ସମବେତ ଦର୍ଶନାର୍ଥୀ ହୁଳହୁଳି ପକାଇବା ସହିତ ନୃତ୍ୟରତା ମାହାରୀ ଉପରକୁ ଫୁଲ ଏପରିକି ଟଙ୍କାସୁନା ମଧ୍ୟ ଦର୍ଶନୀ ସ୍ୱରୂପ ନିକ୍ଷେପ କରୁଥିବାର ଦୃଷ୍ଟାନ୍ତ ରହିଛି । ପ୍ରତ୍ୟହ ରାତ୍ରିରେ ବଡ଼ସିଂହାର ଭୋଗପରେ ଶୟନଠାକୁର ଭିତରକୁ ବିଜେ କଲେ, କଳାହାଟ ଦ୍ୱାରଠାରେ ବୀଣାକାର ସେବକଙ୍କ ସହ ଦେବଦାସୀ ମାହାରୀମାନେ 'ଗୀତଗୋବିନ୍ଦ ସେବା' କରୁଥିଲେ । ବାସ୍ତବରେ ଏହା ଥିଲା ଶ୍ରୀମନ୍ଦିରର ସାଂସ୍କୃତିକ ପରମ୍ପରାରେ ଏକ ବିଜ୍ଞାପନୀ କଳା ପରିବେଷଣ ମାତ୍ର ।

ପ୍ରାତ୍ୟହିକ ସେବା ସହିତ କେତେକ ବିଶେଷ ପର୍ବନୀତିରେ ମାହାରୀମାନେ ଶ୍ରୀଜୀଉମାନଙ୍କୁ ସେବାସମର୍ପଣ ମଧ୍ୟ କରୁଥିଲେ । ବୈଶାଖ ମାସରେ ନିଦାଘ ଉପଚାର ପାଇଁ ଅକ୍ଷୟ ତୃତୀୟାଠାରୁ ଏକୋଇଶି ଦିନବ୍ୟାପୀ ନରେନ୍ଦ୍ର ସରୋବରରେ ନୌକାବିହାର ସମୟରେ ମଦନମୋହନଙ୍କର ଭଦ୍ରା/ବରାଟିକା ଚାପରେ ମାହାରୀ ନୃତ୍ୟ ସଂଗୀତ ପରିବେଷଣ କରିବା ସହିତ ଚାପଲେଉଟାଣି ବେଳେ ରାଜପଥରେ ପଟୁଆର ମଧ୍ୟରେ ନୃତ୍ୟଗୀତ ପରଷି ପରଷି ଶ୍ରୀମନ୍ଦିର ପର୍ଯ୍ୟନ୍ତ ଆଗମନ କରୁଥିଲେ । ଏତାଦୃଶ ଭାବେ ମୁକ୍ତାକାଶ ତଳେ ସେବା ସମର୍ପଣ କରିବା ସହିତ ଭିତର ଚନ୍ଦନକାଳୀନ ଆଲଟଲାଗି ସମୟରେ ଅଣସର ପିଣ୍ଡିରେ ଠିଆହୋଇ ମାହାରୀମାନେ ପ୍ରଥମ ୨୧ ଦିନ ଭଜନ ଓ ପରବର୍ତ୍ତୀ ୨୧ ଦିନ ସ୍ନାନ ଉତ୍ସବଗୀତ ଗାନ ସହ ୪୨ ଦିନବ୍ୟାପୀ ଚନ୍ଦନ ଲାଗି କାଳରେ ଜଗମୋହନରେ ପଟୁଆରରେ ନୃତ୍ୟ କରୁଥିଲେ । ଜ୍ୟେଷ୍ଠ ମାସର ରୁକ୍ମିଣୀ ହରଣ ଏକାଦଶୀରେ ଲକ୍ଷ୍ମୀଙ୍କ ଜଗମୋହନରେ ଉପବେସନ ପୂର୍ବକ ମାହାରୀକୁଳ ଛାନ୍ଦଗୀତ ବୋଲି ହୁଳହୁଳି ଦେଇ ଚିଟାଉ (ପ୍ରେମପତ୍ର) ଲେଖି ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରୁଥିଲେ, ଯାହା ପାଠ ପରେ ଶ୍ରୀଜୀଉଙ୍କ ଅର୍ଚ୍ଚାବିଗ୍ରହ ମଦନମୋହନ ବିମଳା ମନ୍ଦିରକୁ ବିଜେ କରୁଥିଲେ । ଲକ୍ଷ୍ମୀଠାକୁରାଣୀ- କଉଡ଼ି ପୂଜା ପାଇଁ ବିମଳା ମନ୍ଦିର ବିଜେ କାଳରେ ତାଙ୍କ ସହ ଦାସୀ ରୂପେ 'ଖଦିଚାମର ସେବା' ମାହାରୀମାନେ ନିର୍ବାହ କରୁଥିଲେ । ସେଠାରେ ଶିଶୁପାଳ (ଜନୈକ ସେବକ) ଓ କୃଷ୍ଣ/ ମଦନମୋହନଙ୍କ ମଧ୍ୟରେ ସଂଘଟିତ ଯୁଦ୍ଧ ପରେ ରୁକ୍ମିଣୀ ହରଣରେ ମାହାରୀମାନେ ଦୂତୀ ଭାବରେ ମହାପ୍ରଭୁଙ୍କୁ ଯଥୋଚିତ ସହାୟତା ପ୍ରଦାନ କରୁଥିଲେ । ରୁକ୍ମିଣୀ ବିଭାରେ ମାଜଣା ମଣ୍ଡପସ୍ଥ ବିଭାବେଦୀରେ ମାହାରୀମାନେ 'ମେଳସେବା' ରୂପେ ମଙ୍ଗଳନାରୀ ଭାବରେ ମଙ୍ଗଳଗାନ କରିବା ସହିତ ହୁଳହୁଳି ଦେଉଥିଲେ । ତା'ପରଦିନ ଚମ୍ପକ ଦ୍ୱାଦଶୀରେ ବରକନ୍ୟାଙ୍କ ସହ ସେମାନେ 'ଗୁଆଲୀ ପଟୁଆର'ରେ ଗଜପତିଙ୍କ ଶ୍ରୀନଅରକୁ ଯାଇ କନକ ଦୁର୍ଗାଙ୍କ ସମକ୍ଷରେ ଯେଉଁ 'ଗଇଣ୍ଡାଳ ଫିଟାସେବା' ସମ୍ପନ୍ନ କରୁଥିଲେ, ତାହା 'ଆଇସେବା' ନାମରେ ସୁବିଦିତ । ତତ୍‌ସହିତ ସ୍ନାନଯାତ୍ରାରେ ସ୍ନାନବେଦୀ ତଳେ ପଟୁଆର ମଧ୍ୟ କରୁଥିଲେ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଜୀଉମାନେ ରଥାରୂଢ଼ ହେବାପାଇଁ ଧାଡ଼ି ପହଣ୍ଡିରେ ବିଜେ କରିବା ସମୟରେ ଅତୀତରେ ମହାପ୍ରଭୁଙ୍କ ପୁରୋଭାଗରେ ମାହାରୀଗଣ ପଟୁଆରୀ ଭାବେ ନୃତ୍ୟ ପରିବେଷଣ କରି ରଥ ପର୍ଯ୍ୟନ୍ତ ଆଗମନ କରୁଥିଲେ । ସମ୍ପ୍ରତି

ଗୋଟିପୁଅ ନୃତ୍ୟ ପରିବେଷଣ କରୁଥିବା ପରିଦୃଷ୍ଟ ହୋଇଥାଏ । ପୁନଶ୍ଚ ଗୁଣ୍ଡିଚା ମଣ୍ଡପରେ ଶ୍ରୀଜୀଉମାନେ ଅବସ୍ଥାନ କାଳରେ ମାହାରୀମାନେ ପ୍ରତ୍ୟହ ପଟୁଆର ମଧ୍ୟରେ ନୃତ୍ୟସେବା ଅର୍ପଣ କରୁଥିଲେ । ହେରାପଞ୍ଚମୀ ଦିନ ଶ୍ରୀଜୀଉଙ୍କୁ ସଙ୍ଖୋଳିବା ପାଇଁ ମହାଲକ୍ଷ୍ମୀ ଗୁଣ୍ଡିଚା ମନ୍ଦିରକୁ ବିଜେ କରିଥାନ୍ତି । ଶ୍ରୀକ୍ଷେତ୍ର ପାଟରାଣୀ କୁଳବୁଆସୁଣୀ ମହାଲକ୍ଷ୍ମୀ ରାଜଦାଣ୍ଡରେ ଏକାକିନୀ ଯିବେବା କିପରି ? ତେଣୁ ତାଙ୍କ ସହ ପରିଚାରିକା ରୂପେ ମାହାରୀମାନେ ହାନ୍ଦୋଳାରେ ଗୁଣ୍ଡିଚା ମନ୍ଦିରକୁ ଯାଇ ସେଠାରେ 'ଦଣ୍ଡମୁଣ୍ଡସେବା' କ୍ରମରେ ଲକ୍ଷ୍ମୀ ତରଫରୁ ଦଇତାଙ୍କୁ ଦଣ୍ଡସ୍ୱରୂପ ତାଙ୍କ ଗନ୍ତା (କୁର୍ତା) ଚିରିବା ପରେ 'ରଥଭଙ୍ଗା ସେବା' ନିର୍ବାହ ପୂର୍ବକ ଶ୍ରୀମନ୍ଦିର ପ୍ରତ୍ୟାବର୍ତ୍ତନ କରୁଥିଲେ । ବାହୁଡ଼ାଯାତ୍ରା ଅବସରରେ ଶ୍ରୀଜୀଉମାନେ ନୀଳାଦ୍ରି ପ୍ରତ୍ୟାଗମନ କାଳରେ ନନ୍ଦିଘୋଷ ରଥ ଶ୍ରୀନଅର ସମ୍ମୁଖରେ ପହଞ୍ଚିଲେ, ଲକ୍ଷ୍ମୀ ଯେତେବେଳେ ଶ୍ରୀଜୀଉଙ୍କୁ ସ୍ୱାଗତିକା ଜଣାଇବା ପାଇଁ ସେଠାକୁ ବିଜେ କରନ୍ତି, ତାଙ୍କ ସହିତ ମାହାରୀଗଣ ସହଚରୀ ରୂପେ ଗୀତବୋଲି - ହୁଳହୁଳି ପକାଇ ରାଜନବର ପର୍ଯ୍ୟନ୍ତ ଯାଇ ଗଜପତିଙ୍କ ସହାୟତାରେ ମିଳନ କ୍ରିୟା ସ୍ୱରୂପ 'ଭେଟସେବା' ମଧ କରୁଥିଲେ । ତତ୍‌ପରେ ନନ୍ଦିଘୋଷ ରଥ ସିଂହଦ୍ୱାରରେ ପହଞ୍ଚିଲା ପରେ ମାହାରୀମାନେ ଲକ୍ଷ୍ମୀଙ୍କ ସହ ଚାହାଣି ମଣ୍ଡପକୁ ଆସି ମହାପ୍ରଭୁଙ୍କର ପ୍ରତ୍ୟାବର୍ତ୍ତନ ଶୋଭା ସନ୍ଦର୍ଶନ କରୁଥିଲେ । ନୀଳାଦ୍ରିବିଜେ ସମୟରେ ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ କଳାହାଟ 'ଦ୍ୱାରପକା ସେବା'ରେ ଭକ୍ତମାନଙ୍କ ଗହଣରେ ମହାପ୍ରଭୁଙ୍କ ପ୍ରତିନିଧି ଦଇତାପତିଙ୍କ ସହ ସେମାନେ ମା'ଙ୍କ ତରଫରୁ 'ବଚନିକା ସେବା' ମଧ କରୁଥିଲେ । ସମ୍ପ୍ରତି ଶ୍ରୀମନ୍ଦିରର ଶେଷ ମାହାରୀ ଭାବେ ପରଶମଣି ଏହି 'ଲକ୍ଷ୍ମୀନାରାୟଣ ବଚନିକା ସେବା' ସମ୍ପାଦନ କରୁଅଛନ୍ତି ।

ଏତଦ୍‌ଭିନ୍ନ ଭାଦ୍ରବ ମାସରେ କୃଷ୍ଣ ଜନ୍ମରେ ମାହାରୀମାନେ 'ଯଶୋଦା-ରୋହିଣୀ ସେବା' କରୁଥିଲେ । ଏବେ ଶ୍ରୀମନ୍ଦିରର ଅନ୍ୟତମ ମାହାରୀ ଶଶିମଣି ଏହି 'ବାତ୍ସଲ୍ୟସେବା' ନିର୍ବାହ କରୁଛନ୍ତି । ଶ୍ରାବଣ ମାସରେ ଅନୁଷ୍ଠିତ ଝୁଲଣଯାତ୍ରାରେ ଅଗଣିତ ଭକ୍ତସେବକଙ୍କ ଗହଣରେ ମାହାରୀମାନେ ଝୁଲଣ ମୁଣ୍ଡିରେ ଅଭିସାରିକା ରୂପେ ରାତିସାରା 'କୁଞ୍ଜସେବା'ରେ ଅତିବାହିତ କରୁଥିଲେ । ଆଶ୍ୱିନମାସ ଷୋଳପୂଜାରେ ମହାଭୈରବ ଶ୍ରୀଜଗନ୍ନାଥଙ୍କ ଭୈରବୀ ବିମଳାଙ୍କ ମନ୍ଦିରରେ ମାହାରୀମାନେ ପଟୁଆର କରିବା ସହିତ ପହଡ଼ମାଜଣା ବେଳେ ମାଳଶ୍ରୀଗାନ ମାଧ୍ୟମରେ 'ପାର୍ବତୀସେବା' ନିର୍ବାହ କରୁଥିଲେ । ପୁନଶ୍ଚ ଶ୍ରୀନଅରରେ କନକଦୁର୍ଗା ପୂଜାରେ ଦେବୀଙ୍କ ସମ୍ମୁଖରେ ପଟୁଆରରେ ନୃତ୍ୟ ପରିବେଷଣ କରୁଥିଲେ । ଫାଲ୍‌ଗୁନ ମାସରେ ଫଗୁ ଦଶମୀଠାରୁ ଦୋଳପୂର୍ଣ୍ଣମୀ ପର୍ଯ୍ୟନ୍ତ ଭୋଗବେଳେ ଦୋଳବେଦୀ ତଳେ ପଟୁଆର କରିବା ସହିତ ଶୁକ୍ଳ ଚତୁର୍ଦ୍ଦଶୀରେ ଲକ୍ଷ୍ମୀ ମନ୍ଦିରରେ ଫଗୁ ଓ ଦୋଳପୂର୍ଣ୍ଣମୀଦିନ ଦୋଳମଣ୍ଡପରେ 'ଚର୍ଚ୍ଚରୀ ସେବା' ନିଷ୍ପାଦନ କରୁଥିଲେ । ସର୍ବୋପରି ନବକଳେବର ସମୟରେ ନୂତନ ବିଗ୍ରହ ନିର୍ମାଣ ନିମିତ୍ତ ଆନୀତ ଦାରୁଶଗଡି ସହ ସେମାନେ ଅଠରନଳାଠାରୁ କୋଇଲି ବୈକୁଣ୍ଠ ପର୍ଯ୍ୟନ୍ତ ହୁଳହୁଳି ପକାଇ ଆସୁଥିଲେ ।

ଉପଯୁକ୍ତ ଅବତାରଣାରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଶ୍ରୀମନ୍ଦିରର ମାହାରୀ ସେବା ସମ୍ପୂର୍ଣ୍ଣତଃ ଭକ୍ତ ଦର୍ଶନାର୍ଥୀମାନଙ୍କ ମନରେ ଭକ୍ତିଭାବ ସଞ୍ଚାର କରିବା ନିମିତ୍ତ ଶ୍ରୀଜୀଉଙ୍କ ବିଭିନ୍ନ ପର୍ବନୀତିରେ ବିପୁଳ ଜନସମାବେଶରେ ପ୍ରକାଶ୍ୟ ଭାବେ ଅନୁଷ୍ଠିତ ହୋଇ ଏହାର 'ପଟୁଆରୀ ସେବା' ନାମକରଣକୁ ସାର୍ଥକ କରୁଥିଲା । ଧାରାବାହିକ ତଥା ସମୟାନୁବଦ୍ଧ ଏତାଦୃଶ ବିସ୍ତୃତ ବିବରଣୀ ଉପସ୍ଥାପନ ସତ୍ତ୍ୱେ ଯଦି କେହି ଏହାର କଳାତ୍ମକ ଦିଗପ୍ରତି ଉପେକ୍ଷା ପ୍ରଦର୍ଶନ ପୂର୍ବକ ଏହାକୁ ଗୁପ୍ତସେବା ବୋଲି ଅଭିହିତ କରୁଥାନ୍ତି, ତେବେ ତାହା ସେମାନଙ୍କର ନିଜସ୍ୱ ରୁଗ୍‌ଣ ମତ ବୋଲି ବୁଝିବାକୁ ହେବ । ପ୍ରକାଶ ଥାଉକି, ସମ୍ପ୍ରତି ମାହାରୀ ନୃତ୍ୟ ଓ ଗୋଟି ପିଲାନୃତ୍ୟ ସମ୍ମିଶ୍ରଣରୁ ଉଦ୍ଭବ ଓଡ଼ିଶୀନୃତ୍ୟ, ଶାସ୍ତ୍ରୀୟନୃତ୍ୟ ଭାବେ ଆନ୍ତର୍ଜାତିକ ସ୍ୱୀକୃତି ଲାଭ କରିଛି । ବିଶେଷତଃ ଓଡ଼ିଶୀ ନୃତ୍ୟ ପାଇଁ ମାହାରୀ ନୃତ୍ୟ ଯୁଗଯୁଗ ଧରି ମାର୍ଗଦର୍ଶକ ହୋଇ ରହିଆସିଛି । ଓଡ଼ିଶୀ ନୃତ୍ୟର ମୌଳିକତା ରକ୍ଷା ନିମିତ୍ତ ମାହାରୀର ଭାବ ନୃତ୍ୟ ଶୈଳୀକୁ ଜାତି ପାଇଁ ସାଇତା ନଗଲେ, ଓଡ଼ିଶୀନୃତ୍ୟ ବିକୃତ ରୂପରେ ପରିବେଷିତ ହୋଇ କ୍ରମଶଃ ତା'ର ଶାସ୍ତ୍ରୀୟତା ହରାଇ ବସିବ । ପୁନଶ୍ଚ ବିଶ୍ୱସ୍ତରରେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ରୂପ ବୈଭବକୁ ମର୍ଯ୍ୟାଦାବନ୍ତ ଆସନରେ ପ୍ରତିଷ୍ଠିତ କରିବାକୁ ହେଲେ ଆଗାମୀ ଦିନରେ ଓଡ଼ିଶୀ ନୃତ୍ୟଶିଳ୍ପୀମାନଙ୍କୁ ସଂଯତ/ନିୟନ୍ତ୍ରିତ କରାନଗଲେ ଏ ନୃତ୍ୟ ଅଚିରେ ଦିଗ୍‌ଭ୍ରଷ୍ଟ ହୋଇଯିବ । ଏଣୁ ପ୍ରତ୍ୟେକ ଓଡ଼ିଶୀ ନୃତ୍ୟଶିଳ୍ପୀ ମାହାରୀ ନୃତ୍ୟଶୈଳୀକୁ ଯଥାର୍ଥ ଅନୁଶୀଳନ/ ଅନୁସରଣ କରିବା ଏକାନ୍ତ ଅପରିହାର୍ଯ୍ୟ । ସେହି ପରିପ୍ରେକ୍ଷୀରେ ମାହାରୀ ନୃତ୍ୟର ଅବକ୍ଷୟ ଫଳରେ ତାହା ଉପଭୋକ୍ତା ତଥା ଶିକ୍ଷାର୍ଥୀ ମନରୁ କ୍ରମଶଃ ଅପସରି ଯାଉଥିଲାବେଳେ, କେତେକ ସଂସ୍କୃତି ସଚେତନ ବ୍ୟକ୍ତି ତଥା ଅନୁଷ୍ଠାନ ଭକ୍ତ ମାହାରୀ ନୃତ୍ୟର ସଂରକ୍ଷଣ ନିମିତ୍ତ ଆଜି ଶ୍ରୀମନ୍ଦିରରେ ଜୀବିତାବସ୍ଥାରେ ଥିବା ଅବଶିଷ୍ଟ ମାତ୍ର ଦୁଇଜଣ ମାହାରୀ (ପରଶମଣି ଓ ଶଶିମଣି)ଙ୍କ ମାଧ୍ୟମରେ ମାହାରୀ ନୃତ୍ୟ ମଞ୍ଚରେ ପରିବେଷଣ କରାଇ ଜନମାନସରେ ଶ୍ରୀଜଗନ୍ନାଥ ସଂସ୍କୃତିର ଏତାଦୃଶ ଏକ ବଳିଷ୍ଠ ବିଭବକୁ ଉଜ୍ଜୀବିତ ରଖିବାର ଉଦ୍ୟମ ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ତେଣୁ ଗୁପ୍ତସେବାର ଦ୍ୱାହି ଦେଇ ଏହାର ମଞ୍ଚ ପରିବେଷଣ ଉପରେ ନକାରାତ୍ମକ ମତପୋଷଣ କରିବା ଆଦୌ ସ୍ପୃହଣୀୟ ନୁହେଁ । ସର୍ବୋପରି ପ୍ରୋକ୍ତ ଦୁଇଜଣ ମାହାରୀ ଦିବଂଗତ ହୋଇଯିବା ପରେ ମାହାରୀ ନୃତ୍ୟ ତା'ର ପ୍ରାମାଣିକତା ହରାଇ ବସିବା ସହିତ ତାହା କେବଳ କଥା- କଥନିକାରେ ପର୍ଯ୍ୟବସିତ ହୋଇଯିବ । ଫଳରେ ଆଦୌ ଗୁରୁତ୍ୱ ନଥିବା ଗୁରୁମନ୍ୟମାନେ ତୁଳସୀ ସମ ପବିତ୍ର ଓ ମହାପ୍ରସାଦ ତୁଲ୍ୟ ମହନୀୟ ଏହି ମାହାରୀ ନୃତ୍ୟକୁ କାବେରେ ନୃତ୍ୟ ବୋଲି ପ୍ରଚାର କରିବା ପାଇଁ ଆଦୌ ଦ୍ୱିଧାବୋଧ କରିବେ ନାହିଁ ।

ନୂଆଗାଁ, ଇଟିପୁର
ଭୁବନେଶ୍ୱର-୨